ଧରିତ୍ରୀ DHARITRI
ଭୁବନେଶ୍ୱର,ମଙ୍ଗଳବାର, ୭ ମାର୍ଚ୍ଚ ୨୦୨୩

## ବାଇକ-ବସ୍ ଧକ୍କା,୨ ଗୁରୁତର

**ପରଜଙ୍ଗ,୬।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୧୪୯ ନଂ. ଜାତୀୟ ରାଜପଥ ପରମହଂସପୁର ଛକଠାରୁ ଅଳ୍ପ ଦୂର ଏକ ଢାବା ସମ୍ମୁଖରେ ସୋମବାର ବସ୍ ଓ ବାଇକ ମଧରେ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ଓ ତାଙ୍କ ସହଯୋଗୀ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ଜଣାପଡ଼ିନାହିଁ। ଏକ ଘରୋଇ କମ୍ପାନୀରୁ ଦୁହେଁ କାମ ସାରି ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲେ। ପୋଲିସ ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ଅବହେଳିତ ଅବସ୍ଥାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି

**ଢେଙ୍କାନାଳ ଅଫିସ,୬।୩:** ଢେଙ୍କାନାଳ ସହର ରଥଗଡାଠାରେ ପୌରସଂସ୍ଥା ପକ୍ଷରୁ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଥିବା ମହାନ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୭ଫୁଟ ଉଚ୍ଚତା ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ରବିବାର ବିଜୁ ବାବୁଙ୍କ ୧୦୭ତମ ଜୟନ୍ତୀ ପାଳନ ହେବା ସତ୍ତ୍ୱେ ପୌରସଂସ୍ଥା ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଗଲା ନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତିମୂର୍ତ୍ତି ତଳେ ପାଣିକୁଣ୍ଡ ରହିଥିବା ବେଳେ ଏହା ମଧ ଅଳିଆ ଆବର୍ଜନା ହୋଇ ପଡିଥିବା ଦେଖାଯାଇଛି। ସେହିପରି ପ୍ରାୟ ୩୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଆକର୍ଷିତ କଲାଭଳି କୌଣସି ପାର୍କ ନାହିଁ, ଯେଭଳି ଗୋପାଳପୁର ଓ ଦେବଗଡ ଭଳି ଛୋଟ ସହରରେ ରହିଛି। ଢେଙ୍କାନାଳ ସହରରେ ଥିବା ଅଧିକାଂଶ ପାର୍କ ଅଧାପନ୍ତରିଆ ହୋଇ ପଡିରହିଛି। ଏହାକୁ ନେଇ ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ, ସାଧାରଣ ସମ୍ପାଦକ ରାଜୀବ ଲୋଚନ ସିଂହଦେଓ, ସାମାଜିକ କର୍ମୀ ସୁକାନ୍ତ ମିଶ୍ର ପ୍ରମୁଖ କ୍ଷୋଭବ୍ୟକ୍ତ କରିଛନ୍ତି। ସେହିପରି ଢେଙ୍କାନାଳ ଗଡର ପ୍ରତିଷ୍ଠାତା ମହାରାଜା ହରିସିଂ ବିଦ୍ୟାଧରଙ୍କ ଏକ ପ୍ରତିମୂର୍ତ୍ତି ସହରରେ ସ୍ଥାପନ ନିମନ୍ତେ ଦୃଷ୍ଟି ଆକର୍ଷଣ ପରେ ମଧ ଏହା କରାଯାଇ ନାହିଁ। ଏ ସଂକ୍ରାନ୍ତରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର କହିଛନ୍ତି, ୫ ତାରିଖ ପୂର୍ବରୁ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସଫେଇ ପାଇଁ କର୍ମଚାରୀଙ୍କୁ କୁହାଯାଇଥିଲା। କିନ୍ତୁ ସଫା ହୋଇ ନ ଥିବା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। ଏ ବିଷୟରେ ଦେଖୁଛି ବୋଲି ନିର୍ବାହୀ ଅଧିକାରୀ କହିଥିଲେ।

### ନାରୀ ସଶକ୍ତୀକରଣ ସମାଜକୁ ଦିଗ୍‌ଦର୍ଶନ ଦେଉଛି

**ଭୁବନ,୬।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରାଜନୀତି ବିଜ୍ଞାନ ଅଧାପକ ପ୍ରଶାନ୍ତ କୁମାର ରାଉତରାୟ ଏଥିରେ ଅଧକ୍ଷତା କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜନୀତି ବିଜ୍ଞାନର ବରିଷ୍ଠ ଅଧାପିକା ଡ. ମମତା ପାତ୍ର ଯୋଗଦେଇ ନାରୀ ସଶକ୍ତୀକରଣ କିପରି ସମାଜକୁ ଦିଗ୍‌ଦର୍ଶନ ଦେବାରେ ସହାୟକ ହେଉଛି ସେ ସମ୍ପର୍କରେ ଯୁବପିଢିଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସମାଜରୁ କୁସଂସ୍କାର, ବ୍ୟଭିଚାର ଓ ଅନ୍ୟାୟ ଦୂର କରିବାରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତପ୍ରକାଶ କରିଥିଲେ। କଲେଜର ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ଏବଂ ଛାତ୍ରୀ ଉପସ୍ଥିତ ଥିଲେ। ସଂସ୍କୃତି ବିଭାଗର ଅଧାପିକା ଅନୁପମା ମିଶ୍ର ଧନ୍ୟବାଦ ଦେଇଥିଲେ।

### ଶତାୟୁଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୬।୩:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନେଉଳପୋଇ ଗ୍ରାମର ଶତାୟୁ ବିଭୂତି ଭୂଷଣ ଗଡ଼ନାୟକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୧୦୮ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମ ତଥା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



### ୬ ପ୍ରାର୍ଥିପତ୍ର ଦାଖଲ

**ହିନ୍ଦୋଳ,୬।୩ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଓକିଲ ସଂଘ ନିର୍ବାଚନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ଶେଷ ଦିବସରେ ମୋଟ ୬ ଜଣ ବିଭିନ୍ନ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ୪ ତାରିଖରେ ସଭାପତି ପଦ ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସୋମବାର ସମ୍ପାଦକ ପଦବୀ ପାଇଁ ସଞ୍ଜୟ ପଟ୍ଟନାୟକ, ଉପସଭାପତି ପଦବୀ ପାଇଁ ମନୋଜ ମାହାଳିକ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦେବାନନ୍ଦ ପଟ୍ଟନାୟକ ଏବଂ ଏକ୍‌ଜିକ୍ୟୁଟିଭ ସଭ୍ୟ ପଦ ପାଇଁ ପ୍ରକାଶ ନାୟକ, ଦିପ୍ତୀକାନ୍ତ ପ୍ରଧାନ ଓ ସୁଶାନ୍ତ କୁମାର ସାହୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସମସ୍ତ ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ଫଳରେ ଆଗକୁ ଆଉ କୌଣସି ପ୍ରତିଦ୍ୱନ୍ଦ୍ୱିତା ହେବ ନାହିଁ ବୋଲି ଜଣାପଡ଼ିଛି। ଆସନ୍ତା ୨୫ ତାରିଖରେ ଅନୁଷ୍ଠାନିକ ଭାବେ ଫଳ ଘୋଷଣାକୁ ଅପେକ୍ଷା କରାଯାଉଛି।



ବୀରାଶାଳ ଏୟାରଷ୍ଟ୍ରିପ୍‌ରେ ଥିବା ନବନିର୍ମିତ ହ୍ୟାଙ୍ଗର।



ପ୍ରଶିକ୍ଷାର୍ଥୀଙ୍କ ସହ ଜିଲାପାଳ ଓ ଉପଜିଲାପାଳ।

# ଆଦିବାସୀ ପଡ଼ାରୁ ଆକାଶକୁ ଉଡ଼ାଣ

**'ଓଡ଼ିଶା ହେଉ ବିଶ୍ୱସ୍ତରୀୟ ପାଇଲଟ୍ ପ୍ରଶିକ୍ଷଣର ଅନ୍ତୁଡ଼ିଶାଳ'। ଏକଦା ଏଭଳି ସ୍ୱପ୍ନ ଦେଖିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ଢେଙ୍କାନାଳ ଜିଲା ବୀରାଶାଳସ୍ଥିତ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀକୁ ଅନ୍ତର୍ଜାତୀୟସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟରରେ ରୂପାନ୍ତରିତ କରିବା ପାଇଁ ସବୁଜ ସଙ୍କେତ ମିଳିବା ପରେ ବିଜୁବାବୁଙ୍କ ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଛି। ୨୦୨୩-୨୪ ବଜେଟରେ ଏଥିପାଇଁ ରାଜ୍ୟ ସରକାର ୨୭୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା କଙ୍କଡ଼ାହାଡ଼ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆକାଶକୁ ବିମାନ ଉଡ଼ାଣର ମାର୍ଗ ପ୍ରଶସ୍ତ କରିଛି। ଏଥିସହ ଓଡ଼ିଶାର ବେସାମରିକ ବିମାନ ଚଳାଚଳ ଇତିହାସରେ ଯୋଡ଼ିହୋଇଛି ନୂଆଫର୍ଦ୍ଦ।**



- ବୀରାଶାଳରୁ ବାହାରିବେ ବିଶ୍ୱସ୍ତରୀୟ ପାଇଲଟ୍
- ବିଜୁବାବୁଙ୍କ ସ୍ୱପ୍ନ ସାକାର ହେବା ଆଶା ଉଜ୍ଜୀବିତ
- ୧୮୮.୭୭ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ

ଢେଙ୍କାନାଳ ଅଫିସ, ୬।୩
(ରତନ ନାୟାର)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ବୀରାଶାଳ ଏୟାରଷ୍ଟ୍ରିପ୍‌କୁ ମିଳିଛି ନୂଆ ପରିଚୟ। ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀ ଭାବେ ଏହାର ନାମକରଣ କରାଯାଇଛି। ଏହାକୁ ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟରରେ ପରିଣତ କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାବେଳେ ସାମଗ୍ରିକ ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୭୫ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି। ବିଜୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ବୀରାଶାଳ ଏୟାରଷ୍ଟ୍ରିପ୍ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଏହାର ନବକଳେବର ଜିଲାର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।

ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀରେ ବିମାନ ଉଡ଼ାଣ ପ୍ରଶିକ୍ଷଣ ଦିଆଯାଉଛି। ଏହାର ପରିଚାଳନା କରୁଛି ଗଭର୍ନମେଣ୍ଟ ଆଭିଏଶନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଜିଏଟିଆଇ)। ହେଲେ ହାତଗଣତି ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯିବା ସୁବିଧା ରହିଥିବାବେଳେ ବହୁ ଆଶାୟୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାର କଳେବର ବୃଦ୍ଧି ପରେ ଏଠାରେ ଏକକାଳୀନ ୫୦୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିବ। ଏଥିଲାଗି ୧୮୮.୭୭ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀ କାର୍ଯ୍ୟକ୍ଷମ ହେଲେ ବୀରାଶାଳ ସାରା ଭାରତବର୍ଷକୁ ଉଚ୍ଚ ପ୍ରଶିକ୍ଷିତ ପାଇଲଟ ଯୋଗାଇବ ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

୨୦୧୯ରେ ବୀରାଶାଳରେ ଆରମ୍ଭ ହୋଇଥିଲା ବିମାନ ଉଡ଼ାଣ ପ୍ରଶିକ୍ଷଣ କେନ୍ଦ୍ର। ଏବେ ଏଠାରେ ଦିଲ୍ଲୀ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ରାଜସ୍ଥାନ, ପଞ୍ଜାବ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶାର ୩୩ ଜଣ ଛାତ୍ରୀଛାତ୍ର ତାଲିମ ନେଉଛନ୍ତି। ତନ୍ମଧ୍ୟରେ ରହିଛନ୍ତି ୪ ଓଡ଼ିଆ। ଖୁବ୍‌ଶୀଘ୍ର ଆଉ ୪୦ ଜଣଙ୍କ ପ୍ରଶିକ୍ଷଣ ନେବା ବ୍ୟବସ୍ଥା କରାଯିବ। ତେବେ ପ୍ରଶିକ୍ଷାର୍ଥୀଙ୍କ ପାଇଁ ରହିବା ମୁଖ୍ୟ ସମସ୍ୟା ହୋଇଛି। ଆବଶ୍ୟକ ସଂଖ୍ୟକ ବାସଗୃହ ନ ଥିବାରୁ ସେମାନଙ୍କୁ ନିକଟବର୍ତ୍ତୀ ଅଞ୍ଚଳର ଭଡ଼ାଘରେ ରହିବାକୁ ପଡୁଛି। ତେଣୁ ହଷ୍ଟେଲ ନିର୍ମାଣ ହେବା ଯାଏ କାମାକ୍ଷାନଗରସ୍ଥିତ ରେଙ୍ଗାଳି ବାମ କେନାଲ କଲୋନୀ ପରିସରରେ ଖାଲିପଡ଼ିଥିବା କ୍ୱାର୍ଟର୍ସଗୁଡ଼ିକୁ ଏଥିଲାଗି ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଉପସ୍ଥିତିରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଜିଲାପାଳ ମଧ କେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମିର ସମୀକ୍ଷା କରିଛନ୍ତି।

ଅନୁରୂପ ଭାବେ ୪,୦୦୦ ଫୁଟ ଦୀର୍ଘ ରନ୍‌ୱେ ଏବଂ ୮୦ ଫୁଟ ପ୍ରସ୍ଥ ବିଶିଷ୍ଟ ପ୍ରଶିକ୍ଷଣ କେନ୍ଦ୍ରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ଟ୍ରାଫିକ୍ କଣ୍ଟ୍ରୋଲ୍ ଟାୱାରକୁ ନେଇ ଏବେ ଅଡୁଆ ବଢ଼ିଛି। ଠିକ୍ ଭାବେ ତିଆରି କରାଯାଇ ନ ଥିବାରୁ ଏହାକୁ ଭଙ୍ଗାଯିବ। ପ୍ରଶିକ୍ଷାର୍ଥୀଙ୍କ ସୁବିଧା ଅନୁଯାୟୀ ଏହାର ସ୍ଥାନ ପରିବର୍ତ୍ତନ କରି ଆଉ ଥରେ ନିର୍ମାଣ କରାଯିବ। ଏଥିସହ ବିମାନ ଚଳାଚଳରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଶାଳଗଛଗୁଡ଼ିକୁ କଟାଯିବ। ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଲାଗି ସ୍ୱତନ୍ତ୍ର ବିଦ୍ୟୁତ୍ ଷ୍ଟେଶନ ନିର୍ମାଣ ହେବ। ପାନୀୟ ଜଳ, କ୍ୟାଣ୍ଟିନ୍ ସମେତ ଅତ୍ୟାଧୁନିକ ଜିମ୍ ବ୍ୟବସ୍ଥା ହେବ। ଏହାର ଭିତ୍ତିଭୂମି ବିକାଶ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ଅନ୍ୟତମ ଆକର୍ଷଣ 'ପିପିଷ୍ଟ୍ରିଲ୍ ଭାଇରସ୍'

ବୀରାଶାଳ ବିମାନ ପ୍ରଶିକ୍ଷଣ କେନ୍ଦ୍ରରେ ମୋଟ ୫ଟି ଏୟାରକ୍ରାଫ୍ଟ ରହିଛି। ତନ୍ମଧ୍ୟରୁ ସ୍ଲୋଭେନିଆରୁ ଅଣାଯାଇଥିବା ଅତ୍ୟାଧୁନିକ 'ପିପିଷ୍ଟ୍ରିଲ୍ ଭାଇରସ୍' ବିମାନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଯଦି କୌଣସି କାରଣରୁ ବିମାନ ଦୁର୍ଘଟଣା ଘଟେ, ତେବେ ପ୍ରଶିକ୍ଷାର୍ଥୀ ଏବଂ ପ୍ରଶିକ୍ଷକ ଆକାଶଛତା ମାଧ୍ୟମରେ ସୁରକ୍ଷିତ ଭାବରେ ତଳକୁ ଓହ୍ଲାଇପାରିବେ। ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ିଲେ ଅଧିକ ଏୟାରକ୍ରାଫ୍ଟର ଆବଶ୍ୟକତା ଅନୁଭୂତ ହେବ। ଏଥିଲାଗି ଆଗୁଆ ପଦକ୍ଷେପ ସ୍ୱରୂପ ପ୍ରଶିକ୍ଷଣ କେନ୍ଦ୍ରରେ ୧୦ଟି ଏୟାରକ୍ରାଫ୍ଟ ରହିବା ଭଳି ଏକ ଅତ୍ୟାଧୁନିକ ହ୍ୟାଙ୍ଗର ନିର୍ମାଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ତାଲିମ ଦେବାକୁ ୫ଜଣ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଏବେ ଏଠାରେ ୧୨ ଆସନ ବିଶିଷ୍ଟ ବିମାନ ଅବତରଣ କରିପାରିବା ବ୍ୟବସ୍ଥା କରାଯାଉଛି।

### ପ୍ରଶିକ୍ଷାର୍ଥୀଙ୍କ ମୁହଁରୁ...

#### ଉଦ୍ୟମ ସ୍ୱାଗତଯୋଗ୍ୟ



ପ୍ରଶିକ୍ଷଣ କେନ୍ଦ୍ରକୁ ଅତ୍ୟାଧୁନିକ କରିବା ପାଇଁ ସମସ୍ତ ପ୍ରକାର କାର୍ଯ୍ୟ ଚାଲିଛି। ବୀରାଶାଳ ହେଉଛି ବିମାନ ଉଡ଼ାଣ ପ୍ରଶିକ୍ଷଣ ପାଇଁ ପ୍ରକୃଷ୍ଟ ସ୍ଥାନ। ଏହାକୁ ଅଧିକ ବିକଶିତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ଉଦ୍ୟମ ସ୍ୱାଗତଯୋଗ୍ୟ।

-ପୃଥ୍ୱୀରାଜ ପ୍ରଧାନ

#### ପ୍ରଶିକ୍ଷଣ ଉଚ୍ଚକୋଟୀର



ପିଲାଟି ଦିନରୁ ପାଇଲଟ ହେବା ଇଚ୍ଛା ଥିଲା। ଏଠାରେ ମାସେ ହେଲା ପ୍ରଶିକ୍ଷଣ ନେଉଛି। ପିଲାମାନଙ୍କ ରହିବା ପାଇଁ ହଷ୍ଟେଲ ଆବଶ୍ୟକ ଅଛି। ଏଠାକାର ପ୍ରଶିକ୍ଷକ ଏବଂ ସେମାନଙ୍କ ପ୍ରଶିକ୍ଷଣ ଅତି ଉଚ୍ଚକୋଟୀର।

-ଅନୀଷା

#### ଆଦିବାସୀ ପିଲାଙ୍କ କ୍ୟାରିୟର କାଉନ୍‌ସେଲିଂ କରାଯିବ



ବୀରାଶାଳ ଏୟାରଷ୍ଟ୍ରିପ୍‌ର ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ ବିଜୁବାବୁ। ସେ ଚାହୁଁଥିଲେ ଦେଶର ପ୍ରତିଭାବାନ ଯୁବତୀଯୁବକ ଓଡ଼ିଶା ମାଟିରେ ତାଲିମ ନେଇ ଭଲ ପାଇଲଟ ହୁଅନ୍ତୁ। ଦେଶ ପାଇଁ କାମ କରନ୍ତୁ। ଏଠାରେ ୫୦୦ ଛାତ୍ରୀଛାତ୍ରଙ୍କୁ ତାଲିମ ଦେବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ୨୭୫ କୋଟି ଟଙ୍କା ଦେଇଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ଅର୍ଥରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବ। ହଷ୍ଟେଲ ନିର୍ମାଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା କରାଯିବ। ଆଦିବାସୀ ଅଞ୍ଚଳର ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ବିମାନ ଉଡ଼ାଣ ଶିଖାଇବା ପାଇଁ କ୍ୟାରିୟର କାଉନ୍‌ସେଲିଂ କରାଯିବ। ଏବେ ଯଦି ଆମେ ଦେଶକୁ ୧୦ ପାଇଲଟ୍ ଦେଉଛୁ, ଆଗାମୀ ଦିନରେ ଏହି ସଂଖ୍ୟା ନିଶ୍ଚିତ ଭାବେ ୨୦୦ ହେବ।

-ଲ୍ୟୁଟନାଣ୍ଟ କଲୋନେଲ ସୋନାଲି ରଥ, ପ୍ରଶିକ୍ଷଣ କେନ୍ଦ୍ର ଇନଚାର୍ଜ

### ୧୮ ମାସର କଠିନ ପରିଶ୍ରମ

ପାଇଲଟ୍ ଭଳି ଗୁରୁଦାୟିତ୍ୱ ବହନ କରୁଥିବା ପ୍ରଶିକ୍ଷାର୍ଥୀଙ୍କ ତାଲିମ କୌଣସି ସାଧନାଠାରୁ କମ୍ ନୁହେଁ। ଏଥିଲାଗି ଦୃଢ଼ ମନୋବଳ, ସାହସ ଆବଶ୍ୟକ। ନାମ ଲେଖାଇବା ପୂର୍ବରୁ ଆଶାୟୀ ଛାତ୍ରୀଛାତ୍ରଙ୍କ ମାନସିକ ସ୍ଥିତିକୁ ଯାଞ୍ଚ କରାଯାଇଥାଏ। କାଉନ୍‌ସେଲିଂ ସହ ଡାକ୍ତରୀ ପରୀକ୍ଷା ମଧ ହୋଇଥାଏ। ବୀରାଶାଳ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମୀରେ ଏହି ପାଠ୍ୟକ୍ରମର ପ୍ରଶିକ୍ଷଣ ଅବଧି ୧୮ ମାସ। ଏଥିଲାଗି ଆଶାୟୀଙ୍କ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ବିଜ୍ଞାନ। ଏଥିସହ ପଦାର୍ଥ ବିଜ୍ଞାନ କିମ୍ବା ଗଣିତରେ ୬୦%ରୁ ଅଧିକ ମାର୍କ ଅନିବାର୍ଯ୍ୟ। ଏଥିରେ ମୋଟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ।

## ପାଣିଓହଳା ପାହାଡ଼ ପାଦଦେଶରେ ନିଆଁ

ଢେଙ୍କାନାଳ ଅଫିସ,୬।୩

ଢେଙ୍କାନାଳ ସହରସ୍ଥିତ ରାଜବାଟି ପଛ ପାଖରେ ଥିବା ପାଣିଓହଳା ପାହାଡ଼ ପାଦଦେଶ ଜଙ୍ଗଲରେ ସୋମବାର ଅପରାହ୍ନ ୫ଟାରେ ନିଆଁ ଲାଗି ଜଙ୍ଗଲ ଭିତରକୁ ବ୍ୟାପି ଯାଇଥିଲା। ନିଆଁ ଧାସରେ ଜଙ୍ଗଲ ନିକଟରେ ଥିବା ଜନବସତି ଅଞ୍ଚଳରେ ଧୂଆଁ ଓ ଗରମ ପବନ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇବା ପରେ ମଧ ବନବିଭାଗ ପକ୍ଷରୁ ଘଟଣାସ୍ଥଳରେ କେହି ପହଞ୍ଚି ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ପାଣିଓହଳା ପାହାଡ଼ ପାଦଦେଶ ଜଙ୍ଗଲରେ ନିଆଁ।

## ବାର୍‌ହା ମାଂସ ଜବତ

ଛେଣ୍ଡିପଦା,୬।୩(ସ୍ୱ.ପ୍ର)

ଛେଣ୍ଡିପଦା ବନାଞ୍ଚଳ କଣଲୋଇ ପଞ୍ଚାୟତ ନହୁରାଣୀ ନାଳ ନିକଟସ୍ଥ ଭଙ୍ଗାମୁଣ୍ଡା ଜଙ୍ଗଲରେ ବନବିଭାଗ ଚଡାଉ କରି ୩ କେଜି ବାର୍‌ହା ମାଂସ ଜବତ କରିଛି। ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବାବେଳେ ଭଙ୍ଗାମୁଣ୍ଡା ଜଙ୍ଗଲରେ ଶିକାରୀମାନେ ବାର୍‌ହା ଶିକାର କରି ମାଂସ ଭାଗ ବାଣ୍ଟୁଥିବା ସୂଚନା ପାଇଥିଲା। ବନବିଭାଗ କର୍ମଚାରୀଙ୍କୁ ଦେଖି ଘଟଣାସ୍ଥଳରୁ ଶିକାରୀମାନେ ପଳାଇ ଯାଇଥିଲେ। ବନବିଭାଗ ୫ କିଲୋ ବାର୍‌ହା ମାଂସ, ରଡ୍ ଓ ବାରୁଦ ବ୍ୟାଗ ଜବତ କରିଛି। ଜବତ ମାଂସକୁ ପ୍ରାଣୀଧନ ନିରୀକ୍ଷକ ରଘୁନାଥ ପ୍ରଧାନ ବ୍ୟବଚ୍ଛେଦ କରିଥିଲେ। ଏହାପରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ତାହାକୁ ପୋତି ଦିଆଯାଇଥିଲା। ଏ ନେଇ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।



ଦୋଳ ଓ ହୋଲି ପାଇଁ ଅନୁଗୋଳ ସହରରେ ରଙ୍ଗର ପସରା ମେଳିଛି। (ଫଟୋ- ବୁବୁ)

## ହାତକୁ ହାତଯୋଡ଼ କାର୍ଯ୍ୟକ୍ରମ

କାମାକ୍ଷାନଗର,୬।୩(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ପଞ୍ଚାୟତର ଛୋଟ ଗ୍ରାମରୁ କଂଗ୍ରେସ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏନ୍‌ଏସି କର୍ମୀ, ବ୍ଲକ କର୍ମୀମାନେ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ପରେ କଂଗ୍ରେସ ପତାକା ହାତରେ ଧରି ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମରେ ମହିଳାମାନେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମକୁ ହୁଳହୁଳି ପକାଇ ଖୋଳ କୀର୍ତ୍ତନ ସହିତ ସ୍ୱାଗତ କରିଥିଲେ। ଯୁବନେତା ସିଦ୍ଧାର୍ଥ ସ୍ୱାଇଁ, ପଙ୍କଜ ରାଉତ, ବିପିନ ଦାସ, ଦୀପକ ସାହୁ, ସରୋଜ ମହାନ୍ତି, ଚୈତନ୍ୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ରାଉତ, ଦିପୁନ ପାତ୍ର, ଅନିଲ ରାଜ, ପବିନ ପ୍ରଧାନ, ସସ୍ମିତା ପ୍ରଧାନ, ଦିପାଳି ପ୍ରଧାନ, ଦାଶରଥି ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ, ଅଜିତ ନାୟକ, ପ୍ରଶାନ୍ତ ମଲିକ ପ୍ରମୁଖ ପରିଚାଳନା କରିଥିଲେ।




## ମାନସିକତାରେ ପରିବର୍ତ୍ତନ ସଫଳ କରିବ

ଢେଙ୍କାନାଳ ଅଫିସ,୬।୩

ନାରୀ ଶକ୍ତିର ଉତ୍ଥାନ ଓ ମହିଳା ସଶକ୍ତୀକରଣ ପାଇଁ ସମଗ୍ର ଦେଶରେ ମାର୍ଚ୍ଚ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ମହିଳା ଦିବସ ଓ ସପ୍ତାହ ପାଳିତ ହେଉଛି। ଏହି ଉପଲକ୍ଷେ ସୋମବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏକ ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ମହିଳାମାନେ ମାନସିକତାରେ ପରିବର୍ତ୍ତନ ଆଣିଲେ ସବୁ କ୍ଷେତ୍ରରେ ସଫଳ ହେବେ। ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ବୈଠକରେ ଯୋଗଦେଇ କିଶୋରୀ ଓ ନାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ନିର୍ଯାତନାକୁ ନ ଲୁଚାଇ ପ୍ରତିକାର ନିମନ୍ତେ ପ୍ରଶାସନ, ସମ୍ପୃକ୍ତ ଅନୁଷ୍ଠାନ ଲୋକ ଲୋଚନକୁ ଆଣିଲେ ସେମାନଙ୍କ ସମସ୍ୟା ସମାଧାନ ହୋଇପାରିବ। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର(ରାଜସ୍ୱ), ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ମୋନାଲିସା ଭଞ୍ଜ, ଜିଲା ଶ୍ରମ ଅଧିକାରୀ ସତ୍ୟ ନାରାୟଣ ଆଚାର୍ଯ୍ୟ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଉଦ୍‌ବୋଧନ ଦେଇ ମହିଳାମାନେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଆଦି କ୍ଷେତ୍ରରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, କିଶୋରୀ ଓ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ବିଭିନ୍ନ ମହିଳା ସଙ୍ଗଠନର କର୍ମକର୍ତ୍ତା ଓ ମହାବିଦ୍ୟାଳୟ ଛାତ୍ରୀମାନେ ଉପସ୍ଥିତ ଥିଲେ।




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅତିଥିମାନେ ସମ୍ମାନିତ କରୁଛନ୍ତି।

## କୋଇଲା ଉତ୍ପାଦନ ଲକ୍ଷ୍ୟ ପାର୍ କଲା ଏମ୍‌ସିଏଲ୍

ତାଳଚେର,୬।୩ (ନି.ପ୍ର.)

କୋଇଲା ଉତ୍ପାଦନରେ ଏମ୍‌ସିଏଲ୍ ରେକର୍ଡ ଉତ୍ପାଦନ ଜାରି ରଖିବା ସହିତ ୨୦୨୨-୨୩ ଆର୍ଥିକ ବର୍ଷରେ ୧୫ ପ୍ରତିଶତରୁ ଅଧିକ ବୃଦ୍ଧି କରିବା ସହ ୧୭୬ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟକୁ ପାର୍ କରିଛି। ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ସୋମବାର କ୍ଷେତ୍ରୀୟ ମହାପ୍ରବନ୍ଧକ, ବିଭାଗ ଅଧକ୍ଷ ଏବଂ ସେମାନଙ୍କ ଟିମ୍‌କୁ ୧୭୬ ମିଲିୟନ ଟନ୍ କୋଇଲା ଉତ୍ପାଦନ ଓ ପ୍ରେରଣର କଠିନ ଲକ୍ଷ୍ୟ ପୂରଣ କରିଥିବାରୁ ଅଭିନନ୍ଦନ ଜଣାଇଥିଲେ। ୨୦୨୩ ମାର୍ଚ୍ଚ ୬ ତାରିଖରେ ମହାପ୍ରବନ୍ଧକଙ୍କ ସମନ୍ୱୟ ବୈଠକକୁ ସମ୍ବୋଧିତ କରି ସିଏମ୍‌ଡି ସିଂହ ନିର୍ଦ୍ଧାରିତ ଲକ୍ଷ୍ୟକୁ ୨୭ ଦିନ ପୂର୍ବରୁ ପ୍ରାପ୍ତ କରିବା ହେତୁ ଏମ୍‌ସିଏଲ୍ ଟିମ୍‌ର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ଏମ୍‌ସିଏଲ୍‌ର ନିର୍ଦ୍ଦେଶକ ମଣ୍ଡଳୀ ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ନିର୍ଦ୍ଦେଶକ(ବୈଷୟିକ) ଯୁଗଳ କିଶୋର ବୋରା, ନିର୍ଦ୍ଦେଶକ (ବିତ୍ତ)ଅଜିତ କୁମାର ବେହୁରା ମଧ ମିଳିତ ପ୍ରୟାସ ଦ୍ୱାରା ସମସ୍ତ ଲକ୍ଷ୍ୟ ପ୍ରାପ୍ତ କରିଥିବା ହେତୁ ଟିମ୍ ଏମ୍‌ସିଏଲ୍‌କୁ ଶୁଭେଚ୍ଛା ଜଣାଇଥିଲେ।

